# NATIONAL NEWS BULLETIN (ODIA)
## 7 July - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ବ୍ରିକ୍ସ ସମ୍ମିଳନୀର ଦ୍ୱିତୀୟ ଦିବସରେ ଆଜି ଅନୁଷ୍ଠିତ ହେବ ପରିବେଶ, କୋପ୍-୩୦ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ଆଧାରିତ ଅଧିବେଶନ ।
- ଗତ ୧୧ ବର୍ଷ ମଧ୍ୟରେ ଦେଶରେ ୩୩ ହଜାର କିଲୋମିଟରରୁ ଅଧିକ ନୂଆ ରେଳ ଲାଇନ୍ ନିର୍ମାଣ କରାଯାଇଛି, କହିଲେ ରେଳ ମନ୍ତ୍ରୀ ।
- ଆଗାମୀ ଜନଗଣନାକୁ ଅଧିକ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ କାର୍ଯ୍ୟକାରୀ ହେବ ଏକ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ୍ ।
- ଇରାକ୍‌ର ଏକ ଗୁମ୍ଫା ତଲାସି ସମୟରେ ମିଥେନ୍ ଗ୍ୟାସ୍ ସଂସ୍ପର୍ଶରେ ଆସିବାରୁ ୧୨ ଜଣ ତୁର୍କୀ ସୈନିକଙ୍କର ମୃତ୍ୟୁ ।

ଏବଂ

- ଶ୍ରୀକ୍ଷେତ୍ର ପୁରୀରେ ରଥାରୁଢ଼ ଶ୍ରୀଜୀଉଙ୍କର ଅନୁଷ୍ଠିତ ହେଉଛି ଅଧରପଣା ନୀତି ।

# ପିଏମ୍-ବ୍ରିକ୍ସ ସମିଟ୍

ବ୍ରାଜିଲ୍‌ର ରିଓଡି ଜେନେରିଓ ଠାରେ ଚାଲିଥିବା ବ୍ରିକ୍ସ ସମ୍ମିଳନୀର ଦ୍ୱିତୀୟ ଦିବସରେ ଆଜି ପରିବେଶ, କୋପ୍-୩୦ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ଆଧାରିତ ଏକ ଅଧିବେଶନ ଅନୁଷ୍ଠିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରିବେଶ ସୁରକ୍ଷା ଦିଗରେ ଭାରତର ପ୍ରତିବଦ୍ଧତା ଉପରେ ଆଲୋକପାତ କରିବେ । ଏ କ୍ଷେତ୍ରରେ ଦେଶରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକ ଉପରେ ସେ ସୂଚନା ପ୍ରଦାନ କରିବାର ସମ୍ଭାବନା ରହିଛି । ବିଶ୍ୱ ଜଳବାୟୁ ଉପରେ ଏକ ଚିଠା ଘୋଷଣାନାମା ପ୍ରସ୍ତୁତ ହେବାର ଆଶା କରାଯାଉଛି । ବିଭିନ୍ନ ରୋଗର ନିରାକରଣ ନେଇ ବ୍ରିକ୍ସ ସଦସ୍ୟ ରାଷ୍ଟ୍ର ଗୁଡ଼ିକ ମଧ୍ୟରେ ସହଭାଗିତା ନେଇ ନେତୃବୃନ୍ଦ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । **V/O**

ଏ ସଂପର୍କରେ ଏକ ରିପୋର୍ଟ

ଏହି ବୈଠକ ପରେ ପ୍ରଧାନମନ୍ତ୍ରୀ ବ୍ରାସିଲିଆ ଗସ୍ତରେ ଯିବେ । ୫୭ ବର୍ଷ ପରେ ପ୍ରଥମଥର ପାଇଁ ଭାରତର ପ୍ରଧାନମନ୍ତ୍ରୀ ଏହି ରାଜ୍ୟକୁ ଗସ୍ତ କରିବେ । ବ୍ରାଜିଲ୍‌ରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଦିନେଶ ଭାଟିଆ କହିଛନ୍ତି, ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ବ୍ରାସିଲିଆ ଗସ୍ତ ଅବସରରେ ଚାରୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । ଆତଙ୍କବାଦ କାର୍ଯ୍ୟକଳାପ ପ୍ରତିହତ କରିବା ଲକ୍ଷ୍ୟ ନେଇ ଦ୍ୱିପାକ୍ଷିକ ସହଭାଗିତା ନେଇ ଆଲୋଚନା

ଏବଂ କେତେକ ପ୍ରସଙ୍ଗ ଉପରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି ବୋଲି ସେ ସୂଚନା ଦେଇଛନ୍ତି ।

## କେରଳ-ଭିପି ଭିଜିଟ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଗଣତନ୍ତ୍ରର ତିନୋଟି ପ୍ରମୁଖ ସ୍ତମ୍ଭ ନ୍ୟାୟପାଳିକା, ବିଧାନସଭା ଏବଂ କାର୍ଯ୍ୟପାଳିକା ମଧ୍ୟରେ ସନ୍ତୁଳନ ରଖିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । କେରଳର କୋଚି ସ୍ଥିତ ନ୍ୟାସନାଲ୍ ୟୁନିଭରସିଟି ଅଫ୍ ଆଡଭାନ୍ସଡ୍ ଲିଗାଲ୍ ଷ୍ଟଡିଜ୍ର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକଙ୍କ ସହ ମତ ବିନିମୟ ଅବସରରେ ଶ୍ରୀ ଧନଖଡ଼ ଏହା କହିଛନ୍ତି । ପ୍ରତ୍ୟେକ ସ୍ତମ୍ଭ ନିଜ ନିଜ କ୍ଷେତ୍ରରେ ସର୍ବୋଚ୍ଚ ଏବଂ ଅନ୍ୟ ସ୍ତମ୍ଭର କାର୍ଯ୍ୟ କ୍ଷେତ୍ରରେ ଅନୁପ୍ରବେଶ ଗଣତନ୍ତ୍ର ପାଇଁ ବିପଦ ଆଣିପାରେ ବୋଲି ଶ୍ରୀ ଧନଖଡ଼ ଆଶଙ୍କା ପ୍ରକାଶ କରିଛନ୍ତି । ଶାନ୍ତି ଏବଂ ସୌହାର୍ଦ୍ଦପୂର୍ଣ୍ଣ ବିଶ୍ୱ ଗଠନରେ ଭାରତ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି ଉପରାଷ୍ଟ୍ରପତି କହିଛନ୍ତି । ସୂଚନା ଯୋଗ୍ୟ ଉପରାଷ୍ଟ୍ରପତି ଶ୍ରୀ ଧନଖଡ଼ ଦୁଇ ଦିନିଆ କେରଳ ଗସ୍ତରେ ଅଛନ୍ତି ।

# ବିହାର-ଅଶ୍ୱିନୀ ବୈଷ୍ଣବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ରେଳବାଇ କ୍ଷେତ୍ରର ବିକାଶ ତ୍ୱରାନ୍ୱିତ ହୋଇଛି ବୋଲି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ବିହାରର ସମସ୍ତିପୁର ଅନ୍ତର୍ଗତ କର୍ପୁରି ଗ୍ରାମ ରେଳ ଷ୍ଟେସନ୍‌ଠାରେ ଏକ ସମାବେଶକୁ ସମ୍ବୋଧନ କରି ଶ୍ରୀ ବୈଷ୍ଣବ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ୩୩ ହଜାର କିଲୋମିଟରରୁ ଅଧିକ ନୂଆ ରେଳ ଲାଇନ୍ ନିର୍ମାଣ କରାଯାଇଛି ।ଏନ୍.ଡି.ଏ. ଶାସନ ଅମଳରେ ଅତ୍ୟାଧୁନିକ ହାଇସ୍ପିଡ୍ ଟ୍ରେନ୍ ଏବଂ ପ୍ରଯୁକ୍ତି ବିଦ୍ୟା ସହିତ ରେଳବାଇ କ୍ଷେତ୍ରରେ ବିଶେଷ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି । ଅନ୍ୟ ରାଜ୍ୟ ତୁଳନାରେ ବିହାରରେ ଅଧିକ ବନ୍ଦେ ଭାରତ ଟ୍ରେନ୍ ଏବଂ ନମୋ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରୁଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ବିହାରରେ ରେଳ କ୍ଷେତ୍ରର ବିକାଶ ପାଇଁ ବଜେଟ୍‌ରେ ଦୁଇଗୁଣ ଅଧିକ ପାଣ୍ଠି ଆବଣ୍ଟନ କରାଯାଇଛି ।ଏହି ଅବସରରେ ଶ୍ରୀ ବୈଷ୍ଣବ ଯାତ୍ରୀ ପ୍ରତୀକ୍ଷା ହଲ୍ ଏବଂ କର୍ପୁରି ଗ୍ରାମ ଷ୍ଟେସନ୍‌ର ପୁନଃ ବିକଶିତ ପ୍ରବେଶପଥକୁ ଉଦ୍‌ଘାଟନ କରିଥିଲେ । ଷ୍ଟେସନ୍‌ର ଉନ୍ନତିକରଣ ଏବଂ ୧୭ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପ ସହିତ ନୂତନ ଲେବଲ୍ କ୍ରସିଂ ପାଇଁ ମଧ୍ୟ ରେଳ ମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

## ଚୌହାନ-ଆଇସିଏଆର୍

ରାଷ୍ଟ୍ର ନିର୍ମାଣରେ କୃଷକଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ଗବେଷଣା କ୍ଷେତ୍ରକୁ ଅଧିକ ବ୍ୟାପକ କରାଯିବା ସହ ଏହାର ନିଷ୍କର୍ଷ ଚାଷ ଜମିରୁ ନିର୍ଣ୍ଣୟ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ନୂଆଦିଲ୍ଲୀ ସ୍ଥିତ ଭାରତୀୟ କୃଷି ଗବେଷଣା ପରିଷଦ ଆଇ.ସି.ଏ.ଆର୍.ର ୯୬ତମ ବାର୍ଷିକ ସାଧାରଣ ବୈଠକରେ ଯୋଗଦେଇ ଶ୍ରୀ ଚୌହାନ ଏହା କହିଛନ୍ତି । କୃଷି କ୍ଷେତ୍ରରେ ନବସୃଜନ, ସ୍ଥାୟୀ ବିକାଶ ଏବଂ କୃଷକ କଲ୍ୟାଣ ଆଧାରିତ ବିଭିନ୍ନ ପ୍ରସଙ୍ଗ ଉପରେ ମନ୍ତ୍ରୀ ଶ୍ରୀ ଚୌହାନ ଆଲୋକପାତ କରିଛନ୍ତି । ଦେଶରେ କଠିନ ପରିଶ୍ରମି ଚାଷୀ ଏବଂ ଉର୍ବର ଜମି ରହିଛି । ତେଣୁ ଭବିଷ୍ୟତରେ ଭାରତ ବିଶ୍ୱର ସର୍ବବୃହତ ଖାଦ୍ୟ ଯୋଗାଣକାରୀ ରାଷ୍ଟ୍ରରେ ପରିଣତ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ଉପମୁଖ୍ୟମନ୍ତ୍ରୀ, କୃଷି ମନ୍ତ୍ରୀ ଏବଂ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରିମଣ୍ଡଳର ସଦସ୍ୟ ଓ କୃଷି ବୈଜ୍ଞାନିକ ଯୋଗଦେଇଥିଲେ ।

## ସେନ୍‌ସସ୍ ୱେବ୍ ପୋର୍ଟାଲ୍

ଆଗାମୀ ଜନଗଣନା କାର୍ଯ୍ୟକୁ ଅଧିକ ସୁ-ବ୍ୟବସ୍ଥିତ କରିବା ଲକ୍ଷ୍ୟ ନେଇ ଏକ ସ୍ୱତନ୍ତ୍ର ୱେବ୍ ପୋର୍ଟାଲ୍‌ର ପ୍ରଚଳନ କରାଯିବ । ଜନଗଣନା

୨୦୨୭ର ଉଭୟ ପର୍ଯ୍ୟାୟ ପାଇଁ ଏହା ଉପଲବ୍ଧ ହେବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଭାରତର ରେଜିଷ୍ଟ୍ରାର୍ ଜେନେରାଲ୍ ତଥା ଜନଗଣନା କମିଶନର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପ୍ରଥମଥର ପାଇଁ ଦେଶରେ ଡିଜିଟାଲ୍ ଜନଗଣନା ବ୍ୟବସ୍ଥାର ପ୍ରଚଳନ କରାଯିବ ।

ଇଂରାଜୀ, ହିନ୍ଦୀ ଏବଂ ଆଞ୍ଚଳିକ ଭାଷାରେ ମୋବାଇଲ୍ ଆପ୍‌ରେ ତଥ୍ୟ ସଂଗ୍ରହ କରିବାର ପଦକ୍ଷେପ ନିଆଯାଇଛି । ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକ ଜନଗଣନା ସମ୍ପର୍କିତ ତଥ୍ୟ ସଂଗ୍ରହ ପାଇଁ ସେମାନଙ୍କ ନିଜସ୍ୱ ମୋବାଇଲ୍ ବ୍ୟବହାର କରିପାରିବେ ବୋଲି ସେ ସୂଚନା ଦେଇଛନ୍ତି । ଜନଗଣନା ୨୦୨୭ ପାଇଁ ଗତ ମାସରେ ଗେଜେଟ୍ ବିଜ୍ଞପ୍ତି ଜାରି କରାଯାଇଛି । ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡ଼ିକୁ ସେମାନଙ୍କର ନିଜସ୍ୱ ଗେଜେଟ୍‌ରେ ଏ ସଂକ୍ରାନ୍ତ ବିଜ୍ଞପ୍ତି ପୁନଃ ପ୍ରକାଶ କରିବା ସହ ଜନଗଣନା ପାଇଁ ନୋଡାଲ୍ ଅଧିକାରୀଙ୍କୁ ନିଯୁକ୍ତି କରିବାକୁ କୁହାଯାଇଛି ।

## ଟର୍କି ଟୁପ୍ସ ଡେଥ୍

ଇରାକ୍‌ରେ ଏକ ଗୁମ୍ଫା ଖୋଜିବା ସମୟରେ ମିଥେନ ଗ୍ୟାସ୍ ସଂସ୍ପର୍ଶରେ ଆସିବାରୁ ୧୨ ଜଣ ତୁର୍କି ସୈନିକଙ୍କର ମୃତ୍ୟୁ ହୋଇଛି । ତୁର୍କିର ଜାତୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଗତକାଲି ଗୁମ୍ଫାର ସନ୍ଧାନ

ଏବଂ ସଫେଇ ଅଭିଯାନ ସମୟରେ ଅତି କମ୍‌ରେ ୧୯ ଜଣ ସୈନିକ ମିଥେନ୍ ଗ୍ୟାସ୍‌ର ସଂସ୍ପର୍ଶରେ ଆସିଥିଲେ । ସେମାନଙ୍କୁ ତୁରନ୍ତ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ସେଥିମଧ୍ୟରୁ ୧୨ ଜଣ ସୈନିକ ପ୍ରାଣ ହରାଇଛନ୍ତି । ସୂଚନା ଯୋଗ୍ୟ ଗତ ୨୦୨୨ ମେ ମାସରେ ଇରାକ୍‌ରେ କୁର୍ଦ୍ଦିସ୍ତାନ ଓ୍ୱାର୍କସ୍ ପାର୍ଟିର ଆତଙ୍କବାଦୀଙ୍କ ବିରୁଦ୍ଧରେ ତୁର୍କି ସୈନ୍ୟବାହିନୀ ନେତୃତ୍ୱରେ ଏକ ସାମରିକ ଅଭିଯାନ ଆରମ୍ଭ କରାଯାଇଥିଲା । ଏହି ସମୟରେ ଆକ୍ରମଣ ପ୍ରତିଆକ୍ରମଣରେ ତୁର୍କିର ଜଣେ ସୈନିକଙ୍କର ମୃତ୍ୟୁ ହୋଇଥିଲା ।  ସେହି ସୈନିକର ମୃତ ଦେହ ଖୋଜିବା ପାଇଁ ତୁର୍କି ସେନା ଇରାକ୍‌ର ଗୁମ୍ଫା ନିକଟରେ ତଲାସୀ ଅଭିଯାନ ଜାରି ରଖିଥିଲେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ।

## ଆର୍‌ଏସ୍‌ଏସ୍-ମିଟିଂ

ମଣିପୁର କ୍ରମଶଃ ସ୍ୱାଭାବିକତା ଆଡ଼କୁ ଫେରୁଛି ବୋଲି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଅଖିଳ ଭାରତୀୟ ପ୍ରଚାର ପ୍ରମୁଖ ସୁନୀଲ ଆମ୍ବେକର କହିଛନ୍ତି । ଅଖିଳ ଭାରତୀୟ ପ୍ରାନ୍ତ ପ୍ରଚାରକ ବୈଠକ ଶେଷ ହେବା ପରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଆମ୍ବେକର ଏହା କହିଛନ୍ତି । ଗତ ବର୍ଷ ତୁଳନାରେ ମଣିପୁରରେ ଏବେ ସ୍ୱାଭାବିକତା ଦେଖିବାକୁ ମିଳୁଛି ବୋଲି ସେ କହିଛନ୍ତି ।

**V/O- SUNIL-AMBKER-MANIPUR**

ତିନି ଦିନିଆ ଅଖିଳ ଭାରତୀୟ ପ୍ରାନ୍ତ ପ୍ରଚାରକ ବୈଠକ ମୁଖ୍ୟତଃ ତିନୋଟି ପ୍ରସଙ୍ଗ ଉପରେ କେନ୍ଦ୍ରୀତ ଥିଲା ବୋଲି ସେ କହିଛନ୍ତି । ସମସ୍ତ ପ୍ରାନ୍ତ ପ୍ରଚାରକ ସେମାନଙ୍କ ଅଞ୍ଚଳର ପରିସ୍ଥିତି, ଅଭିଜ୍ଞତା ଏବଂ ପ୍ରାନ୍ତୀୟ ସଂଘ ତରଫରୁ ଗ୍ରହଣ କରାଯାଉଥିବା ପଦକ୍ଷେପ ଗୁଡ଼ିକ ଉପରେ ବୈଠକରେ ମତବିନିମୟ ହୋଇଛି । ଗତ ୨୫ ବର୍ଷ ମଧ୍ୟରେ ସଂଘର କାର୍ଯ୍ୟକଳାପ ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି ।

# ଜେପି ନଡ୍ଡା-ହେଲ୍‌ଥ କେୟାର୍

ସମସ୍ତଙ୍କ ପାଇଁ ସୁଲଭ ଏବଂ ସମାନ ସ୍ୱାସ୍ଥ୍ୟସେବା ଦୃଷ୍ଟିକୋଣ ନେଇ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି । ୧ ଲକ୍ଷ ୭୭ ହଜାରରୁ ଅଧିକ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କର ଅଧିକ ନିକଟତର କରିପାରିଛି । ଇ-ସଞ୍ଜିବନୀ ଏବଂ ଟେଲିମାନସ ଭଳି ପ୍ଲାଟ୍‌ଫର୍ମ ମାଧ୍ୟମରେ ବିଶେଷଜ୍ଞ ଡାକ୍ତରଙ୍କର ପରାମର୍ଶ ତୃଣମୂଳ ସ୍ତରରେ ରୋଗୀଙ୍କ ପାଖରେ ପହଞ୍ଚି ପାରୁଛି । ଜାତୀୟ ଦୈନିକ ପତ୍ରିକାରେ ପ୍ରକାଶିତ ଏକ ଆଲେଖ୍ୟରେ ଶ୍ରୀ ନଡ୍ଡା କହିଛନ୍ତି, ମିଶନ୍ ଅଇନ୍ଦ୍ରଧନୁଷ ଅଧୀନରେ ୫ କୋଟି ୪୬ ଲକ୍ଷ ଶିଶୁ ଏବଂ ୧ କୋଟି ୩୨ ଲକ୍ଷ ଗର୍ଭବତୀ ମହିଳାଙ୍କର ଟିକାକରଣ କରାଯାଇଛି । ଭାରତରେ ପ୍ରସବକାଳୀନ ମୃତ୍ୟୁହାର ୮୬ ପ୍ରତିଶତ ହ୍ରାସ

ପାଇଛି । ବିଶ୍ୱରେ ଏ କ୍ଷେତ୍ରରେ ହୋଇଥିବା ହ୍ରାସ ପରିମାଣର ଏହା ଦୁଇଗୁଣ ବୋଲି ଶ୍ରୀ ନଡ୍ଡା କହିଛନ୍ତି । ସେ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଭାରତରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ପାଇଁ ଏକ ଭିତ୍ତି ସ୍ଥାପନ କରାଯାଇଛି ।

## ଅଧରପଣା ନୀତି

ଶ୍ରୀକ୍ଷେତ୍ର ପୁରୀରେ ଆଜି ଆଷାଢ଼ ଶୁକ୍ଳ ଦ୍ୱାଦଶୀ ତିଥିରେ ଗରୁଡ଼ ଶୟନ ନୀତି ସହ ତିନିରଥରେ ଶ୍ରୀଜୀଉମାନଙ୍କର ଅଧରପଣା ନୀତି ଅନୁଷ୍ଠିତ ହେଉଛି । ରଥ ଉପରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଏହି ନୀତି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶ୍ରୀବିଗ୍ରହମାନଙ୍କର ଶ୍ରୀଅଧର ଉଚ୍ଚତାର ଅଧରହାଣ୍ଡି ବିଶିଷ୍ଟ ଲାଉତୁମ୍ୱ ପରି ସ୍ୱତନ୍ତ୍ର ଶୈଳୀରେ ନିର୍ମିତ ମାଟିହାଣ୍ଡିରେ ପଣାକୁ ରଥ ଉପରେ ରଖାଯିବା ନେଇ ପ୍ରସ୍ତୁତି ଚାଲିଛି। ପ୍ରତି ରଥରେ ତିନି ହାଣ୍ଡି ହିସାବରେ ୯ ହାଣ୍ଡି ଅଧରପଣା ଭୋଗ କରାଯିବ। ଭୋଗ ହେବାପରେ ପଣାହାଣ୍ଡିକୁ ରଥ ଉପରେ ଭାଙ୍ଗି ଦିଆଯିବ। ରଥରେ ଥିବା ପାର୍ଶ୍ୱ ଦେବାଦେବୀ, ଚଣ୍ଡିଚାମୁଣ୍ଡା ତଥା ଅଶରୀରୀମାନଙ୍କୁ ତୃପ୍ତ କରିବା ଲାଗି ଏହି ହାଣ୍ଡି ରଥ ଉପରେ ଭଙ୍ଗା ଯିବାର ବିଧି ରହିଛି। ଆସନ୍ତାକାଲି ରଥଯାତ୍ରାର ଅନ୍ତିମ ପର୍ବ ନୀଳାଦ୍ରୀ ବିଜେ ଅନୁଷ୍ଠିତ ହେବ।